# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 7 September – 2026

**********************************

## ମୁଖ୍ୟ ସମ୍ବାଦ

- ପ୍ରତିରକ୍ଷା ବାହିନୀ ପାଇଁ ୧ଲକ୍ଷ ୧୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପୁଞ୍ଜି ବିନିଯୋଗ ପ୍ରସ୍ତାବକୁ କେନ୍ଦ୍ର ସରକାରଙ୍କ ମଞ୍ଜୁରି
- ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଯୁବପିଢ଼ିଙ୍କୁ କାର୍ଯ୍ୟ କରିବା ପାଇଁ ରାଜ୍ୟପାଳଙ୍କ ଆହ୍ୱାନ
- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାରି ରହିଛି ରାଜ୍ୟ କ୍ୟାବିନେଟ ବୈଠକ
- ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ବୁଥ୍‌ଗୁଡ଼ିକର ଯାଞ୍ଚ କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ

ଏବଂ

- ବିଦ୍ୟାଳୟ ଶିକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ କାର୍ଯ୍ୟ କରିବ ଗୋଟିଏ ବୋର୍ଡ

Desk

## ଡି.ଇ.ଏଫ୍.-ଡି.ଏ.ସି. ଆପ୍ରୁଭାଲ୍

ପ୍ରତିରକ୍ଷା ବାହିନୀ ପାଇଁ ୧ ଲକ୍ଷ ୧୦ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ପୁଞ୍ଜି ବିନିଯୋଗ ପ୍ରସ୍ତାବକୁ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ - ଡି.ଏ.ସି. ମଞ୍ଜୁରି ପ୍ରଦାନ କରିଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ପରିଷଦ ବୈଠକରେ ଏହି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ୩ଟିଯାକ ସେନା ପାଇଁ ବିଭିନ୍ନ ପ୍ରସ୍ତାବିତ ପଦକ୍ଷେପ କାର୍ଯ୍ୟକାରୀ କରିବାରେ ଏହି ପୁଞ୍ଜି ବିନିଯୋଗ ହେବ ବୋଲି ମନ୍ତ୍ରଣାଳୟ କହିଛି । ବାୟୁସେନା ପାଇଁ ଯୁଦ୍ଧବିମାନ, ପରିବହନ ହେଲିକପ୍ଟର ଆଦି କ୍ରୟ ପ୍ରସ୍ତାବ ଏଥିରେ ଅନ୍ତର୍ଭୁକ୍ତ । ନୌସେନା ପାଇଁ ରାଡାର କ୍ରୟ, ବିକଶିତ ସାମୁଦ୍ରିକ ଗ୍ୟାସ୍ ଟର୍‌ବାଇନ୍, ଅରୁଧ୍ରା ରାଡାର୍ କ୍ରୟ କରିବାକୁ ନିଷ୍ପତ୍ତି ହୋଇଛି । ସ୍ଥଳସେନା ପାଇଁ ଉଚ୍ଚ ଗତିଶୀଳତା ସମ୍ପନ୍ନ ଯାନବାହନ, ଉନ୍ନତ ହାଲୁକା ହେଲିକପ୍ଟର, ଟ୍ରଲ୍ ଟ୍ୟାଙ୍କ୍ ଏବଂ ଉନ୍ନତ ସେତୁ ବ୍ୟବସ୍ଥା ଉପକରଣ ଅଧିଗ୍ରହଣ କରାଯିବ । କ୍ରୟ ହେବାକୁ ଥିବା ସାମଗ୍ରୀର ୯୮ ପ୍ରତିଶତ ଭାରତୀୟ ଶିଳ୍ପ କ୍ଷେତ୍ରରୁ ଗ୍ରହଣ କରାଯିବ ବୋଲି ମନ୍ତ୍ରଣାଳୟ କହିଛି ।

Desk

## ରାଜ୍ୟପାଳ– ଗଙ୍ଗାଧର ମେହର କଲେଜ

ଭାରତ ଆତ୍ମବିଶ୍ୱାସର ସହ ଆଗକୁ ବଢୁଛି ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି। ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପଞ୍ଚମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଜ୍ୟପାଳ

କହିଛନ୍ତି, ସ୍ୱାସ୍ଥ୍ୟ, ପ୍ରଯୁକ୍ତିବିଦ୍ୟା, ମହାକାଶ, ଡିଜିଟାଲ ଟେକ୍ନୋଲୋଜି, ସେମିକଣ୍ଡକ୍ଟର ଆଦି ବିଭିନ୍ନ କ୍ଷେତ୍ରରେ ଯୁବପିଢ଼ିଙ୍କ ପାଇଁ ନୂତନ ସୁଯୋଗ ଉନ୍ମୁକ୍ତ ହେଉଛି। ଏହି ସମସ୍ତ ସୁଯୋଗର ସଦୁପଯୋଗ କରିବା ପାଇଁ ରାଜ୍ୟପାଳ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ସମ୍ବଲପୁର ହସ୍ତଶିଳ୍ପର ପ୍ରଶଂସା କରି ଶ୍ରୀ କମ୍ଭମପାଟି କହିଛନ୍ତି, ଜିଲ୍ଲାର ପରମ୍ପରା ଓ ସ୍ଥାନୀୟ କଳାକାରଙ୍କ ପ୍ରତିଭା ବର୍ତ୍ତମାନ ସମୟରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପହଁଞ୍ଚିଛି। ଶକ୍ତି ସୁରକ୍ଷା, ଜାତୀୟ ସୁରକ୍ଷା ସହ ଜଡ଼ିତ। ପେଟ୍ରୋଲ ଓ ଡିଜେଲର ବ୍ୟବହାରକୁ ସୀମିତ ରଖି ଶକ୍ତି ସଂରକ୍ଷଣ କ୍ଷେତ୍ରରେ ବର୍ତ୍ତମାନର ପିଢ଼ି ନୂତନ ଇତିହାସ ସୃଷ୍ଟି କରିପାରିବେ ବୋଲି ରାଜ୍ୟପାଳ କହିଛନ୍ତି। କାର୍ଯ୍ୟକ୍ରମରେ ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଛନ୍ତି, ବିଶ୍ୱର ସର୍ବାଧିକ ଯୁବଗୋଷ୍ଠୀ ଭାରତରେ ରହିଥିବାବେଳେ ପୂର୍ବ ଭାରତରେ ଏମାନଙ୍କ ସଂଖ୍ୟା ସର୍ବାଧିକ। ଯୁବକଙ୍କ ଆକାଂକ୍ଷା ଏବଂ ବିଭିନ୍ନ ଆହ୍ୱାନକୁ ଦୃଷ୍ଟିରେ ରଖି ସରକାର କାର୍ଯ୍ୟ କରୁଛନ୍ତି। ରୋଜଗାର, ମୂଲ୍ୟବୋଧ, ନୈତିକତା ଏବଂ ସାମାଜିକ ଦାୟିତ୍ୱ ନିର୍ବାହକୁ ଛାତ୍ରଛାତ୍ରୀଙ୍କୁ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

Desk

Desk

## ରାଜ୍ୟ କ୍ୟାବିନେଟ୍

ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଭୁବନେଶ୍ୱର ଲୋକସେବା ଭବନରେ ଜାରି ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଚାଲିଥିବା ଏହି ବୈଠକରେ ବିଭିନ୍ନ ବିଭାଗର

କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ହୋଇ ମଞ୍ଜୁରି ପ୍ରଦାନ କରାଯିବ ।

Desk

## ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି

ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ପାଇଁ ୧ କୋଟି ୩୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସି.ଜି.ଏମ୍ ରାକେଶ କୁମାର ଯାଦବ ଏହି ଚେକ୍ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି।

Desk

## ପିଜିଟି ଶିକ୍ଷକ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସରକାରୀ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଦିଗ୍‌ଦର୍ଶନ କର୍ମଶାଳାର ଆୟୋଜନ କରାଯାଇଛି। ଇତିହାସର ୧୨୦ ଜଣ ପିଜିଟି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ କର୍ମଶାଳା ଆୟୋଜନ କରାଯାଇଛି। ଦିଗ୍‌ଦର୍ଶନ କର୍ମଶାଳା ଦୁଇଟି ପର୍ଯ୍ୟାୟରେ ଆୟୋଜିତ ହେଉଛି। ପ୍ରଥମ ପର୍ଯ୍ୟାୟରେ ଆଜିଠାରୁ ୧୧ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ କର୍ମଶାଳା ସେପ୍ଟେମ୍ବର ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କର୍ମଶାଳାରେ ଜାତୀୟ ଶିକ୍ଷାନୀତି-୨୦୨୦ର ବିଭିନ୍ନ ଦିଗ, ଲିଙ୍ଗଗତ ସମାନତା ଶିକ୍ଷା, ଆଇ.ସି.ଟି.ର ବ୍ୟବହାର, ଓଡ଼ିଶା ଏଜୁକେସନ୍ ରୁଲ, ପୋସ୍ ଆକ୍ଟ, ଛାତ୍ରବୃତ୍ତି, ପ୍ରଶାସନିକ ଭୂମିକା, ପରୀକ୍ଷା ଏବଂ ମୂଲ୍ୟାଙ୍କନ

ଯୋଜନା ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବ ବୋଲି ସୂଚନା ମିଳିଛି ।

Desk

## ବୁଥ୍ ଯାଞ୍ଚ

ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ବୁଥ୍‌ଗୁଡ଼ିକର ଯାଞ୍ଚ କରିବା ପାଇଁ ବ୍ଲକ ଓ ପୌର ଅଧିକାରୀମାନଙ୍କୁ ରାଜ୍ୟ ନିର୍ବାଚନ କମିଶନ ମଧୁସୂଦନ ପାଢ଼ି ନିର୍ଦ୍ଦେଶ ଦେଇଛନ୍ତି । ସମସ୍ୟା ଥିବା ବୁଥ୍‌ଗୁଡ଼ିକର ସୁଧାର ନେଇ କାର୍ଯ୍ୟ କରାଯିବ। ଏଥିସହିତ ସାମାଜିକ ଗଣମାଧ୍ୟମରେ କୃତ୍ରିମ ବୁଦ୍ଧିମତା ଜରିଆରେ ଅପପ୍ରଚାରକୁ ରୋକିବା ପାଇଁ ପଦକ୍ଷେପ ସହ ଅଭିଯୋଗ ଆସିଲେ ସାଇବର କ୍ରାଇମରେ ତଦନ୍ତ ହେବ ବୋଲି ଶ୍ରୀ ପାଢ଼ି କହିଛନ୍ତି । ପ୍ରଥମେ ପଞ୍ଚାୟତ ଓ ପରେ ପୌର ନିର୍ବାଚନ ଅନୁଷ୍ଠିତ ହେବ । ସୀମା ପୁନଃ ନିର୍ଦ୍ଧାରଣ ଓ ସଂରକ୍ଷଣ କାର୍ଯ୍ୟକୁ ସରକାର ଅକ୍ଟୋବର ମାସ ୩୧ ତାରିଖ ସୁଦ୍ଧା ଶେଷ କରିବେ । ଭୋଟର ତାଲିକା ଫେବୃଆରୀ ମାସ ୧୦ ତାରିଖ ସୁଦ୍ଧା ଚୂଡ଼ାନ୍ତ ହେବା ସହ ସମସ୍ତ ଡିଜିଟାଇଜେସନ୍ ପ୍ରକ୍ରିୟା ଶେଷ ହେବ ବୋଲି ଶ୍ରୀ ପାଢ଼ି ସୂଚନା ଦେଇଛନ୍ତି ।

Desk

## ଜାତୀୟ ଶିକ୍ଷାନୀତି

ଜାତୀୟ ଶିକ୍ଷାନୀତି -୨୦୨୦ ଅନୁଯାୟୀ ବିଦ୍ୟାଳୟ ଶିକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ ରାଜ୍ୟରେ ଆଗାମୀ ଦିନରେ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପାଇଁ ଗୋଟିଏ ବୋର୍ଡ କାର୍ଯ୍ୟ କରିବ ବୋଲି ଗଣଶିକ୍ଷା ସଚିବ

ଏନ୍.ତିରୁମାଲା ନାୟକ କହିଛନ୍ତି। ପୂର୍ବରୁ ଥିବା ଦୁଇଟି ବୋର୍ଡକୁ ମିଶାଇ ଗୋଟିଏ ଏକୀକୃତ ବୋର୍ଡ ଗଠନ କରିବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ପରୀକ୍ଷା ପଦ୍ଧତିରେ କୌଣସି ପ୍ରକାର ପରିବର୍ତ୍ତନ ହେବ ନାହିଁ ଏବଂ ନୂଆ ବୋର୍ଡ କାର୍ଯ୍ୟାଳୟ ନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ସହ ନୂତନ ଡ୍ରାଫ୍ଟ ଆଇନ ପ୍ରସ୍ତୁତ କରାଯାଉଛି ବୋଲି ଶ୍ରୀ ନାୟକ କହିଛନ୍ତି। ଏ ନେଇ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା।

Desk

## ଅଗ୍ନିସୁରକ୍ଷା ଯାଞ୍ଚ

ରାଜ୍ୟରେ ଆସନ୍ତା ୧୫ ତାରିଖରୁ ମାସେବ୍ୟାପୀ ଅଗ୍ନିସୁରକ୍ଷା ଯାଞ୍ଚ କରାଯିବ। ଏ ନେଇ ମୁଖ୍ୟ ଅଗ୍ନିଶମ ଅଧିକାରୀ ଦେବେନ୍ଦ୍ର ସ୍ୱାଇଁ କହିଛନ୍ତି। ସମସ୍ତ ଶିଳ୍ପ ଓ ବାଣିଜ୍ୟ ପ୍ରତିଷ୍ଠାନ, ଚିକିତ୍ସାଳୟଗୁଡ଼ିକରେ ଯାଞ୍ଚ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ। ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ଓ କର୍ମଶାଳାମାନ ଆୟୋଜନ କରାଯିବ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।

Desk

## ତ୍ରୁଟିଶୂନ୍ୟ ପରୀକ୍ଷା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ୪୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୋଟପାଡ଼ ବିଧାୟକ ରୂପୁ ଭତ୍ରା ଯୋଗ ଦେଇଥିବାବେଳେ ସମ୍ମାନୀୟ ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆୟୁକ୍ତ ତଥା ଶାସନ ସଚିବ ଡକ୍ଟର ଏନ୍.ତିରୁମାଲା ନାୟକ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ପରିଷଦର ତ୍ରୁଟିଶୂନ୍ୟ ପରୀକ୍ଷା

ପରିଚାଳନାକୁ ପ୍ରଶଂସା କରିବା ସହ ଗୁଣାତ୍ମକ ଶିକ୍ଷାକୁ ଦ୍ୱିଗୁଣିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

Boudh

## ନୂଆଖାଇ ଲଗ୍ନ

ବୌଦ୍ଧର ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ପୀଠ ପାଇଁ ନୂଆଖାଇ ଲଗ୍ନ ଧାର୍ଯ୍ୟ ହୋଇଛି। ଆସନ୍ତା ୧୫ ତାରିଖ ମଙ୍ଗଳବାର ଭାଦ୍ରବ ଶୁକ୍ଳ ପଞ୍ଚମୀ ତିଥିର ସକାଳ ୮ ଘଣ୍ଟା ୪୫ ମିନିଟ୍‌ରୁ ୧୦ ଘଣ୍ଟା ୧୫ ମିନିଟ୍ ମଧ୍ୟରେ ନବାନ୍ନ ପାଇଁ ଲଗ୍ନଧାର୍ଯ୍ୟ କରାଯାଇଛି। ମା' ଭୈରବୀଙ୍କ ପୀଠରେ ନବାନ୍ନ ଲାଗି ହେବା ପରେ ଅନ୍ୟ ଦେବାଦେବୀଙ୍କଠାରେ ନବାନ୍ନ ଅର୍ପଣ ହେବ।

Debagada

## ଯୁବ ସମ୍ମିଳନୀ

ଯୁବପିଢ଼ିଙ୍କ ମଧ୍ୟରେ ଦେଶପ୍ରେମ, ସେବା ମନୋଭାବ ଓ ସାମାଜିକ ଦାୟିତ୍ୱବୋଧ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ରାଷ୍ଟ୍ର ଗଠନରେ ଯୁବବର୍ଗଙ୍କ ଭୂମିକା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ।

Nayagada

## ଖାଦ୍ୟ ସୁରକ୍ଷା ବିଭାଗ ଯାଞ୍ଚ

ନୟାଗଡ଼ ଜିଲ୍ଲାରେ ଅସୁରକ୍ଷିତ ଓ ଅପମିଶ୍ରିତ ଖାଦ୍ୟ ବିକ୍ରି ରୋକିବା ପାଇଁ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଯାଞ୍ଚ  ଅଭିଯାନ ଜାରି ରହିଛି।

ରଣପୁର, ନୟାଗଡ଼, ଇଟାମାଟି ଓ ମାଛିପଡ଼ା ଅଞ୍ଚଳର ବିଭିନ୍ନ ଖାଦ୍ୟ ବ୍ୟବସାୟ ପ୍ରତିଷ୍ଠାନରେ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇ ୧୨୦ କିଲୋଗ୍ରାମ ଅସୁରକ୍ଷିତ ଖାଦ୍ୟକୁ ନଷ୍ଟ କରାଯିବା ସହ ଜରିମାନା ଆଦାୟ କରାଯାଇଥିଲା।

Desk

## ସ୍କେଟର ର୍‍ୟାଙ୍କିଙ୍ଗ୍ ଚାମ୍ପିଅନସିପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆଜି ଫ୍ରିଷ୍ଟାଇଲ୍ ଓପନ୍ ନ୍ୟାସନାଲ ର୍‍ୟାଙ୍କିଙ୍ଗ୍ ଚାମ୍ପିଅନସିପ୍ -୨୦୨୬ ଉଦ୍‌ଯାପିତ ହେଉଛି। ପ୍ରତିଯୋଗିତାରେ ଦେଶର ବିଭିନ୍ନ ପ୍ରାନ୍ତରୁ ସ୍କେଟର୍ସମାନେ ଯୋଗଦେବା ସହ ସେମାନଙ୍କର ଦକ୍ଷତା ଏବଂ କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ପ୍ରତିଯୋଗିତାକୁ କ୍ରୀଡ଼ା ଏବଂ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉଦ୍‌ଘାଟନ କରିଥିଲେ।

Desk

## ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ବଜ୍ରପାତ ସହ ବର୍ଷା ନେଇ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୭ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଶୁକ୍ରବାର ସୁଦ୍ଧା ଉପକୂଳ, ଆଭ୍ୟନ୍ତରୀଣ ଏବଉତ୍ତର ଓଡ଼ିଶାର କିଛି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ

ମୌସୁମୀ ଦୁର୍ବଳ ହେବା ଯୋଗୁଁ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ଗୁଳୁଗୁଳି ଓ ତାପମାତ୍ରା ବୃଦ୍ଧି ପାଇଛି ।

Jajpur/M.giri/N.gada/N.pur/Boudh/D.gada

## ଅଭିଯୋଗ ଶୁଣାଣି ଶିବିର

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ  ଶୁଣାଣି ଶିବିରରେ ୧୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା ।

ଦେବଗଡ଼ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ୪୧ଟି ଅଭିଯୋଗ ଗ୍ରହଣ କରାଯିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ନୟାଗଡ଼ ଜିଲ୍ଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ଶୁଣାଣି ଶିବିରରେ ୫୯ଟି ମାମଲାର ତତ୍କାଳ ସମାଧାନ କରାଯାଇଥିଲା ।

ମାଲକାନଗିରି ଜିଲ୍ଲା ଖଇରପୁଟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଶିବିରରେ ୫୨ଟି ଅଭିଯୋଗର ଶୁଣାଣି କରାଯାଇଛି ।

ନବରଙ୍ଗପୁର ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିରରେ ୪୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା ।

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଶୁଣାଣି ଶିବିରରେ ୨୩୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ୯୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା ।

Desk

# ଅଙ୍କୁର

ରାଜ୍ୟ ସରକାର’ ଅଟଳ ନେଟଓ୍ୱର୍କ ଫର୍ ନଲେଜ ଅର୍ବାନାଇଜେସନ୍ ଆଣ୍ଡ ରିଫର୍ମ–ଅଙ୍କୁର’ ମାଧ୍ୟମରେ ପୌରସଂସ୍ଥାଗୁଡ଼ିକୁ ଆହୁରି ସୁଦୃଢ଼ କରୁଛନ୍ତି । ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଚିନ୍ତାଧାରାରୁ ଅନୁପ୍ରାଣିତ ହୋଇ ୨୦୨୫ ମେ’ ୨୮ ତାରିଖରେ ଆରମ୍ଭ ହୋଇଥିବା ଅଙ୍କୁର ସହରୀ ସମସ୍ୟା ଓ ସମାଧାନ ମଧ୍ୟରେ ଏକ ସେତୁଭାବେ କାର୍ଯ୍ୟ କରୁଛି । ସହରାଞ୍ଚଳ ସ୍ଥାନୀୟ ସମସ୍ୟା ଚିହ୍ନଟ କରିବା, ସଠିକ୍ ଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପାଇବା ସହ ନୂତନ ପଦ୍ଧତି ଆପଣାଇବା, ପ୍ରତିଷ୍ଠାନଗତ କ୍ଷମତା ବୃଦ୍ଧି କରିବା ଏବଂ ସଫଳ ସମାଧାନଗୁଡ଼ିକୁ ବିଭିନ୍ନ ସହରରେ ପ୍ରସାରିତ କରିବାରେ ଅଙ୍କୁର ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ି କହିଛନ୍ତି, ଅଙ୍କୁର ସହରଗୁଡ଼ିକର ଆବଶ୍ୟକତାକୁ ସଠିକ ଜ୍ଞାନ, ବିଶେଷଜ୍ଞତା ଓ ସମାଧାନ ସହ ସଂଯୋଗ କରୁଛି । ଏହି ପଦ୍ଧତି ମାଧ୍ୟମରେ ବର୍ତ୍ତମାନ ଡିଜିଟାଲ ଶାସନ, ପରିବେଶ ପରିଚାଳନା, ନିୟମାବଳୀର ସଂସ୍କାର, ଦକ୍ଷତା ବିକାଶ, ପରିମଳ, ଜୀବିକା ଓ ନାଗରିକ ସଚେତନତା ଭଳି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକ୍ରମଗୁଡ଼ିକୁ ସମର୍ଥନ ମିଳୁଛି । ସମୃଦ୍ଧ ଓଡ଼ିଶା-

୨୦୩୬ ଲକ୍ଷ୍ୟ ହାସଲ ଦିଗରେ ଅଙ୍କୁର ସରକାରଙ୍କ ସାମର୍ଥ୍ୟକୁ ଆହୁରି ମଜଭୁତ କରୁଛି ।